# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 18 Morning – 2024

## ଅଭିବୃଦ୍ଧି

ଭାରତରେ ପୁଞ୍ଜି ବିନିଯୋଗ ପରିମାଣ ବୃଦ୍ଧି ଯୋଗୁଁ ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ହାସଲ ହୋଇପାରୁଛି ଏବଂ ନିବେଶ ଦିଗରେ ଆଗକୁ ବଢୁଛି ବୋଲି ଆମେରିକାର ମୋର୍ଗାନ୍ ଷ୍ଟାନ୍‌ଲେ ଦ୍ୱାରା ସଦ୍ୟ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି । ଦେଶ ପ୍ରଗତି ଦିଗରେ ଅଗ୍ରସର ହେଉଛି ଏବଂ ବିଶ୍ୱରେ ଭାରତକୁ ପ୍ରଶଂସା ମିଳୁଛି ବୋଲି ଏଥିରେ କୁହାଯାଇଛି । ବର୍ତ୍ତମାନ ଦେଶରେ ଅଭିବୃଦ୍ଧି ହାର ୨୦୦୩ରୁ ୨୦୦୭ ଭଳି ରହିଛି । ଯେଉଁ ସମୟରେ କି  ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୮ ପ୍ରତିଶତ ଅଧିକ ରହିଥିଲା । ଜିଡିପି ତୁଳନାରେ ନିବେଶ ପରିମାଣ ୩୪ ପ୍ରତିଶତ ରହିଥିବା ମଧ୍ୟ ରିପୋର୍ଟରେ ସୂଚନା ଦିଆଯାଇଛି । ଆଗାମୀ ୨୦୨୬-୨୭ ସୁଦ୍ଧା ଜିଡିପି ତୁଳନାରେ ପୁଞ୍ଜି ବିନିଯୋଗ ୩୬ ପ୍ରତିଶତ ହେବ ବୋଲି ଦର୍ଶାଯାଇଛି ।

## ନିର୍ବାଚନ ପ୍ରସ୍ତୁତି ବୈଠକ

ଆଗାମୀ ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ଭାବେ କରିବା ନିମନ୍ତେ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିସ୍-ମାଜିଷ୍ଟ୍ରେଟ୍ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ସୋମେଶ

କୁମାର ଉପାଧ୍ୟାୟ ଯୋଗଦେଇ ନିର୍ବାଚନକୁ ସୁପରିଚାଳନା ନିମନ୍ତେ ପ୍ରତ୍ୟେକ ଆଇନ ରକ୍ଷାକାରୀମାନଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକ ବୋଲି କହିଥିଲେ । ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାରକୁ ରୋକିବା ନିମନ୍ତେ ବ୍ୟାଙ୍କ ଗୁଡ଼ିକର ସହାୟତା ନିଆଯିବା ଆଦି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଛି ।

ସେହିପରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଗଜପତି ଜିଲ୍ଲାରେ ୪ ଲକ୍ଷ ୫୯ ହଜାର ୨୨୮ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୨୪ ହଜାର ୪୦୫ ପୁରୁଷ ଏବଂ ୨ ଲକ୍ଷ ୩୪ ହଜାର ୭୯୯ ଜଣ ମହିଳା ଅଛନ୍ତି । ଜିଲ୍ଲାରେ ୫୭୩ଟି ମତଦାନ କେନ୍ଦ୍ର ରହିଛି ।

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପରିଚାଳନା ସଂପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ୮୫ ହଜାର ୭୫୦ ଜଣ ଭୋଟର ଥିବା ବେଳେ ୯୯୩ଟି ବୁଥ୍ ରହିଛି ବୋଲି ବୈଠକରେ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

……………………………………………………………………

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ବନ୍ଦ କରାଯାଇଛି । ନିର୍ବାଚନ ପ୍ରକ୍ରିୟା ସଂପୂର୍ଣ୍ଣ ହେଲା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଷ୍ଟ୍ରୀୟ ଲୋକଅଦାଲତ

ଓଡିଶା ହାଇକୋର୍ଟରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଗତକାଲି ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ଏହି ଲୋକ ଅଦାଲତ ଆୟୋଜନ କରାଯାଇଥିଲା। ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀଙ୍କ ସମେତ ହାଇକୋର୍ଟର ୯ ଜଣ ବିଚାରପତି ମାମଲାର ଶୁଣାଣି କରିଥିଲେ। ଏହି ଲୋକ ଅଦାଲତରେ ୧୩୩ଟି ମାମାଲାର ଆପୋଷ ସମାଧାନ କରାଯାଇଥିଲା। ମୋଟ୍ ୯ କୋଟି ୧୫ ଲକ୍ଷ ୯୪ ହଜାର ଟଙ୍କା କ୍ଷତିପୂରଣ ବାବଦକୁ  ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

## କେଓ୍ୱାଇସି

ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ଅପରାଧିକ ପୃଷ୍ଠଭୂମି ବିଷୟରେ ସୂଚନା ଦେବା ନିମନ୍ତେ **ଆପଣଙ୍କ ପ୍ରାର୍ଥୀଙ୍କୁ ଜାଣନ୍ତୁ**

**(KYC)** ଆପ୍ ନିର୍ବାଚନ ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏହି ଆପ୍ ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି । ଏହା ନାଗରିକମାନଙ୍କୁ ପ୍ରାର୍ଥୀମାନଙ୍କ ଅପରାଧ ବିବରଣୀ ସଂପର୍କରେ ସୂଚନା ପ୍ରଦାନ କରିବ । ପ୍ରାର୍ଥୀମାନଙ୍କ ପ୍ରୋଫାଇଲ୍, ନାମାଙ୍କନ ସ୍ଥିତି ଏବଂ ସତ୍ୟପାଠ ସହିତ ସଂପୂର୍ଣ୍ଣ ତଥ୍ୟ ଆଦି ଏଥିରେ ସ୍ଥାନୀତ ହେବ ।

---

## ବକ୍ସିଂ

ଥାଇଲ୍ୟାଣ୍ଡ ଓପନ୍ କିକ୍ ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶାର ତାନ୍ୟା ଶ୍ରୀବାସ୍ତବ ରୌପ୍ୟ ଏବଂ ସ୍ୱୟଂଜିତ୍ କର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ୫୦ କିଲୋଗ୍ରାମରୁ କମ୍ ସିନିଅର ମହିଳା କେ-ୱାନ୍ ଫାଇଟର ଫାଇନାଲ୍‌ରେ ତାନ୍ୟା ଆମେରିକୀୟ ପ୍ରତିଯୋଗୀଙ୍କଠାରୁ ହାରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିଭଳି ବାଳକ ୮୫ କିଲୋଗ୍ରାମ ବର୍ଗରେ କେ-ୱାନ୍ ପାଇଟରରେ ସ୍ୱୟଂଜିତ୍ ସେମିଫାଇନାଲ୍‌ରେ ଚୀନ୍‌ର ପ୍ରତିଯୋଗୀଙ୍କଠାରୁ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

---

## ପାଣିପାଗ

ଓଡ଼ିଶା ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଗୁରୁଚାପ ବଳୟ ରହୁଥିବାରୁ ବାୟୁମଣ୍ଡଳର ମଧ୍ୟଭାଗରୁ ଉପରଭାଗ ମଧ୍ୟରେ ନିମ୍ନଚାପରେଖା ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତାକାଲିଠାରୁ କେତେକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେହିସବୁ ଅଞ୍ଚଳରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ

ପବନ ବହିବାର ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୧ ତାରିଖ ଯାଏଁ କାଳବୈଶାଖୀର ପ୍ରଭାବ ରହିବ ବୋଲି ମଧ୍ୟ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼, ନବରଙ୍ଗପୁର, ଅନୁଗୁଳ, ନୟାଗଡ଼, ଢେଙ୍କାନାଳ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ଥିବାରୁ  ଅରେଞ୍ଜ ୱାର୍ଣ୍ଣିଂ ଏବଂ କଟକ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାରେ ବର୍ଷାର ସମ୍ଭାବନା ଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

---